# ବିଶ୍ୱ ମାନବାଧିକାର ଘୋଷଣାନାମା

୧୦ଡିସେମ୍ବର, ୧୯୪୮ରେ ମିଳିତ ଜାତିସଂଘର ସାଧାରଣ ସଭା ବିଶ୍ୱ ମାନବାଧିକାର ଘୋଷଣାନାମାକୁ ଗ୍ରହଣ ଏବଂ ଘୋଷଣା କରିଥିଲା । ନିମ୍ନରେ ଏହି ଘୋଷଣାନାମାକୁ ସ୍ଥାନିତ କରାଗଲା ।

## ପ୍ରାକ୍‌କଥନ

ଯେହେତୁ ମାନବ ପରିବାରର ସମସ୍ତ ସଦସ୍ୟଙ୍କର ଅନ୍ତର୍ନିହିତ ମର୍ଯ୍ୟାଦା ତଥା ସମାନ ଏବଂ ଅବିଚ୍ଛେଦ୍ୟ ଅଧିକାରକୁ ସ୍ୱୀକୃତି ପ୍ରଦାନ ହେଉଛି ବିଶ୍ୱରେ ସ୍ୱାଧୀନତା, ନ୍ୟାୟ ଏବଂ ଶାନ୍ତିର ମୂଳଦୂଆ,

ଯେହେତୁ ମାନବାଧିକାର ପ୍ରତି ହେୟଜ୍ଞାନ ଏବଂ ଅବମାନନା ଫଳରେ ଏଭଳି ବର୍ବରୋଚିତ ଘଟଣାମାନ ଘଟିଗଲା ଯାହାକି ମାନବଜାତିର ବିବେକକୁ ପଦଦଳିତ କରିଛି ଏବଂ ଯେହେତୁ ଯେଉଁ ପୃଥିବୀରେ ମଣିଷମାନେ ମତପ୍ରକାଶ ଓ ବିଶ୍ୱାସପୋଷଣର ଅଧିକାର ହାସଲ ତଥା ଭୟ ଏବଂ ଅଭାବରୁ ମୁକ୍ତି ଲାଭ କରିଥିବେ ତହିଁର ପ୍ରତିଷ୍ଠା ସାଧାରଣ ଜନତାର ସର୍ବୋଚ୍ଚ ଆକାଂକ୍ଷା,

ଯେହେତୁ ଦେଶଦେଶ ଭିତରେ ମୈତ୍ରୀପୂର୍ଣ୍ଣ ସଂପର୍କର ଅଭିବୃଦ୍ଧିକୁ ପ୍ରୋତ୍ସାହନ କରିବା ଅତ୍ୟାବଶ୍ୟକ ଅଟେ,

ଯେହେତୁ ମିଳିତ ଜାତିସଂଘର ଜନସମୁଦାୟ ସେମାନଙ୍କ ସନନ୍ଦରେ ମଣିଷର ମୌଳିକ ଅଧିକାର, ମଣିଷର ବ୍ୟକ୍ତିତ୍ୱର ମର୍ଯ୍ୟାଦା ଓ ମୂଲ୍ୟ ତଥା ପୁରୁଷ ଓ ମହିଳାମାନଙ୍କର ସମାନ ଅଧିକାରରେ ସେମାନଙ୍କର ବିଶ୍ୱାସକୁ ଦୋହରାଇ ସାରିଛନ୍ତି ଏବଂ ସ୍ୱାଧୀନତାର ଏକ ବୃହତ୍ତର ପରିବେଶ ମଧ୍ୟରେ ସାମାଜିକ ପ୍ରଗତି ଏବଂ ଉନ୍ନତତର ଜୀବନଶୈଳୀର ବିକାଶ ଘଟାଇବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି,

ଯେହେତୁ ସ୍ୱୈରାଚାର ଏବଂ ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହକୁ ଅନ୍ତିମ ମାର୍ଗ ରୂପେ ଅବଲମ୍ବନ କରିବା ପାଇଁ ମଣିଷକୁ ବାଧ୍ୟ କରିବା ଭଳି ପରିସ୍ଥିତିର ସୃଷ୍ଟିକୁ ଏଡାଇବା ପାଇଁ ଆଇନ୍ ବଳରେ ମାନବାଧିକାର ଗୁଡିକୁ ସୁରକ୍ଷା ଦେବା ଅତ୍ୟାବଶ୍ୟକ,

ଯେହେତୁ ମାନବାଧିକାରସମୂହ ଏବଂ ମୌଳିକ ସ୍ୱାଧିନତାସମୂହ ପ୍ରତି ସାର୍ବଜନୀନ ସମ୍ମାନ ଏବଂ ଅନୁପାଳନକୁ ମିଳିତ ଜାତିସଂଘର ସହଯୋଗରେ ପ୍ରୋତ୍ସାହନ ଦେବା ପାଇଁ ସଭ୍ୟ ରାଷ୍ଟ୍ରଗଣ ନିଜେ ସଂକଳ୍ପବଦ୍ଧ ହୋଇସାରିଛନ୍ତି,

ଯେହେତୁ ଏହି ସଂକଳ୍ପର ସଂପୂର୍ଣ୍ଣ ପରିପୂର୍ତ୍ତୀ ପାଇଁ ଏତାଦୃଶ ଅଧିକାର ଓ ସ୍ୱାଧୀନତାସମୂହ ସମ୍ବନ୍ଧରେ ଏକ ସର୍ବସ୍ୱୀକୃତ ବୁଝାମଣାର ସର୍ବାଧିକ ଗୁରୁତ୍ୱ ରହିଛି,

ତେଣୁ ବର୍ତ୍ତମାନ ସାଧାରଣ ସଭା ଏହି ବିଶ୍ୱ ମାନବାଧିକାର ଘୋଷଣାନାମାକୁ ସମସ୍ତ ଜନସମୁଦାୟ ଏବଂ ସମସ୍ତ ଦେଶମାନଙ୍କ ପାଇଁ ସେମାନଙ୍କ ପ୍ରୟାସର ଏକ ସର୍ବସ୍ୱୀକୃତ ଆଭିମୁଖ୍ୟ ରୂପେ ଉଦ୍‌ଘୋଷଣା କରୁଛି, ଏବଂ ଏହି ଉଦ୍ଦେଶ୍ୟ ପୋଷଣ କରୁଛି ଯେ, ପ୍ରତି ବ୍ୟକ୍ତି ଏବଂ ସମାଜର ପ୍ରତି ଅଂଶବିଶେଷ ଏହି ଘୋଷଣାନାମାକୁ ନିଜ ମାନସପଟରେ ସର୍ବଦା ସ୍ଥାନ ଦେଇ ପ୍ରବର୍ତ୍ତନା ଓ ଶିକ୍ଷା ମାଧ୍ୟମରେ ଉକ୍ତ ଅଧିକାର ଓ ସ୍ୱାଧୀନତାସମୂହ ପ୍ରତି ସମ୍ମାନବୃଦ୍ଧିର ବିକାଶ ଘଟାଇବା ତଥା ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ କ୍ରମବର୍ଦ୍ଧିଷ୍ଣୁ ପ୍ରଚେଷ୍ଟା ମାଧ୍ୟମରେ ଉଭୟ ସଭ୍ୟ-ରାଷ୍ଟ୍ରମାନଙ୍କର ଜନସମୁଦାୟସମୂହ ତଥା ସେମାନଙ୍କ କ୍ଷେତ୍ରାଧିକାର ଅଧୀନରେ ଥିବା ଅଞ୍ଚଳଗୁଡିକର ଜନସମୁଦାୟସମୂହଙ୍କ ଭିତରେ ସେଗୁଡିକର ସାର୍ବଜନୀନ ଏବଂ ଫଳପ୍ରଦ ସ୍ୱୀକୃତି ତଥା ଅନୁପାଳନକୁ ସୁନିଶ୍ଚିତ କରିବା ଦିଗରେ ଉଦ୍ୟମ ଚାଲୁରଖିବେ ।

**ଧାରା ୧-** ସମସ୍ତ ମଣିଷ ସ୍ୱାଧୀନ ହୋଇ ଜନ୍ମଗ୍ରହଣ କରିଛନ୍ତି ଏବଂ ସେମାନଙ୍କର ସମାନ ମର୍ଯ୍ୟାଦା ଓ ଅଧିକାର ରହିଛି । ସେମାନଙ୍କ ଭିତରେ ବିଚାରଶକ୍ତି ଏବଂ ବିବେକ ନିହିତ ଅଛି ଏବଂ ସେମାନେ ଏକ ଭ୍ରାତୃଭାବ ସହିତ ପରସ୍ପର ସହ ଆଚରଣ କରିବା ଉଚିତ୍ ।

**ଧାରା୨-** ବଂଶ, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ କିମ୍ବା ଅନ୍ୟ ବିଷୟରେ ମତାମତ, ଜାତୀୟ କିମ୍ବା ସାମାଜିକ ଉତ୍ପତ୍ତି, ସମ୍ପତ୍ତି, ଜନ୍ମ ବା ଅନ୍ୟ ପ୍ରକାର ସ୍ଥିତି ଭଳି ଯେ କୌଣସି ଭେଦଭାବ ନିର୍ବିଶେଷରେ ପ୍ରତି ବ୍ୟକ୍ତି ଏହି ଘୋଷଣାନାମାରେ ସୂଚୀତ ହୋଇଥିବା ଅଧିକାରସମୂହ ଓ ସ୍ୱାଧୀନତାସମୂହ ପାଇଁ ହକ୍‌ଦାର ଅଟନ୍ତି । ଏହାଛଡା, ଜଣେ ବ୍ୟକ୍ତି ଯେ କୌଣସି ଦେଶ ବା ଅଞ୍ଚଳର ହୋଇଥାନ୍ତୁ ନା କାହିଁକି ଏବଂ ତାହା ସ୍ୱାଧୀନ ହୋଇଥାଇପାରେ ଅଥବା ଏକ ଟ୍ରଷ୍ଟ ବା ଅଣ-ସ୍ୱୟଂଶାସିତ ସତ୍ତା ହୋଇଥାଇପାରେ ଅଥବା ଅନ୍ୟ କୌଣସି ପ୍ରକାରେ ସୀମିତ ସାର୍ବଭୌମତ୍ୱ ବହନ କରିପାରୁଥାଏ, ତେବେ ସେହି ଦେଶ ବା ଅଞ୍ଚଳର ରାଜନୈତିକ, କ୍ଷେତ୍ରାଧିକାର-ଜନିତ ବା ଆନ୍ତର୍ଜାତିକ ସ୍ଥିତିର ଆଧାରକୁ ଭିତ୍ତି କରି କୌଣସି ଭେଦଭାବ କରାଯିବ ନାହିଁ ।

**ଧାରା ୩-** ପ୍ରତ୍ୟେକଙ୍କର ଜୀବନ, ସ୍ୱାତନ୍ତ୍ର୍ୟ ଏବଂ ଶରୀରର ନିରାପତ୍ତା ପାଇଁ ଅଧିକାର ରହିଛି ।

**ଧାରା ୪-** କୌଣସି ବ୍ୟକ୍ତିଙ୍କୁ ଦାସତ୍ୱ କିମ୍ବା ବଶ୍ୟତା ଅଧୀନରେ ବାନ୍ଧି ରଖାଯିବ ନାହିଁ; ସମସ୍ତ ପ୍ରକାର ଦାସତ୍ୱ ଏବଂ କ୍ରୀତଦାସ ବ୍ୟବସାୟକୁ ନିଷିଦ୍ଧ କରାଯିବ ।

**ଧାରା ୫-** କୌଣସି ବ୍ୟକ୍ତିଙ୍କୁ ନିର୍ଯ୍ୟାତନା କିମ୍ବା ନିଷ୍ଠୁର, ଅମାନବିକ ବା ଅପମାନଜନକ ବ୍ୟବହାର କିମ୍ବା ଦଣ୍ଡବିଧାନ କରାଯିବ ନାହିଁ ।

**ଧାରା ୬-** ଆଇନ୍ ସମ୍ମୁଖରେ ଜଣେ ବ୍ୟକ୍ତି ରୂପେ ସର୍ବତ୍ର ସ୍ୱୀକୃତ ହେବାର ଅଧିକାର ପ୍ରତ୍ୟେକଙ୍କର ରହିଛି ।

**ଧାରା ୭-** ଆଇନ୍ ସାମନାରେ ସମସ୍ତେ ସମାନ ଏବଂ ଯେ କୌଣସି ଭେଦଭାବ ନିର୍ବିଶେଷରେ ସମସ୍ତେ ଆଇନ୍ ଠାରୁ ସମାନ ସୁରକ୍ଷା ପାଇବା ପାଇଁ ହକ୍‌ଦାର୍ ଅଟନ୍ତି । ଏହି ଘୋଷଣାନାମାର ଉଲ୍ଲଂଘନ ପୂର୍ବକ ଯଦି କୌଣସି

ଭେଦଭାବ ଆଚରିତ ହୁଏ, ଅଥିବା ଏପରି ଭେଦଭାବକୁ ଉସ୍‌କାନି ଦିଆଯାଏ, ତେବେ ସେଥିରୁ ସମାନ ଧରଣର ସୁରକ୍ଷା ପାଇବା ପାଇଁ ପ୍ରତ୍ୟେକ ହକ୍‌ଦାର।

**ଧାରା ୮-** ଯଦି କୌଣସି କାରଣରୁ ସମ୍ବିଧାନ ବା ଆଇନ୍ ବଳରେ ପ୍ରଦତ୍ତ ହୋଇଥିବା ମୌଳିକ ଅଧିକାରସମୂହର ଉଲ୍ଲଂଘନ ଘଟେ, ତେବେ କ୍ଷମତାସମ୍ପନ୍ନ ରାଷ୍ଟ୍ରୀୟ ନ୍ୟାୟାଳୟ ଦ୍ୱାରା ତହିଁର ଫଳପ୍ରଦ ପ୍ରତିକାର କରାଇବାର ଅଧିକାର ପ୍ରତ୍ୟେକଙ୍କର ରହିଛି।

**ଧାରା ୯-**କୌଣସି ବ୍ୟକ୍ତିଙ୍କୁ ମନମୁଖୀ ଗିରଫଦାରି, ଅଟକ ବା ନିର୍ବାସନ ଭୋଗିବାକୁ ବାଧ୍ୟ କରାଯିବ ନାହିଁ।

**ଧାରା ୧୦-** ଜଣଙ୍କର ଅଧିକାର ଏବଂ ଦାୟିତ୍ୱସମୂହ ତଥା ତାଙ୍କ ବିରୁଦ୍ଧରେ କୌଣସି ଅପରାଧଜନିତ ଅଭିଯୋଗର ସ୍ୱରୂପ-ନିରୂପଣ ବ୍ୟାପାରରେ ଏକ ସ୍ୱାଧୀନ ଏବଂ ନିରପେକ୍ଷ ନ୍ୟାୟାଳୟ ଦ୍ୱାରା ଯଥୋଚିତ ଏବଂ ମୁକ୍ତ ଶୁଣାଣି ପାଇଁ ପ୍ରତ୍ୟେକଙ୍କର ସଂପୂର୍ଣ୍ଣ ରୂପେ ସମାନ ଅଧିକାର ରହିଛି।

**ଧାରା ୧୧-** (୧) ଯଦି କୌଣସି ବ୍ୟକ୍ତିଙ୍କୁ ଏକ ଦଣ୍ଡନୀୟ ଅପରାଧରେ ଅଭିଯୁକ୍ତ କରାଯାଏ, ତେବେ ସେ ଦୋଷୀ ବୋଲି ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ନିରପରାଧ ବୋଲି ଧରି ନିଆଯିବ ଏବଂ ସେ କେବଳ ଦୋଷୀ ସାବ୍ୟସ୍ତ ହୋଇପାରିବେ ଏପରି ଏକ ସର୍ବସାଧାରଣ ବିଚାରପ୍ରକ୍ରିୟାରେ, ଯେଉଁଠି ସେ ଆତ୍ମପକ୍ଷରେ ଲଢ଼ିବା ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ପ୍ରକାର ଗ୍ୟାରେଣ୍ଟି ରହିଥିବ।

(୨) ଜଣେ ବ୍ୟକ୍ତିଙ୍କର କୌଣସି କୃତାକୃତ ଆଚରଣ, ଯାହାକି ଘଟିବା ସମୟରେ ଜାତୀୟ କିମ୍ବା ଆନ୍ତର୍ଜାତିକ ଆଇନ୍ ଅଧୀନରେ ଏକ ଦଣ୍ଡନୀୟ ଅପରାଧ ବୋଲି ବିବେଚିତ ହେଉନଥିବ, ସେଥିପାଇଁ ତାଙ୍କୁ କୌଣସି ଦଣ୍ଡନୀୟ ଅପରାଧରେ ଅଭିଯୁକ୍ତ କରାଯାଇ ପାରିବନି। ପୁଣି ଗୋଟିଏ ଦଣ୍ଡନୀୟ ଅପରାଧ ଘଟିବା ମୁହୂର୍ତ୍ତରେ ଯେତିକି ମାତ୍ର ଦଣ୍ଡବିଧାନ ସେଥିପାଇଁ ପ୍ରଯୁଜ୍ୟ, ତାହାଠାରୁ ଅଧିକ ଗୁରୁତର ଦଣ୍ଡ ଲଦି ଦିଆଯାଇ ପାରିବନି।

**ଧାରା ୧୨-** ମନମୁଖୀ ଭାବେ କୌଣସି ବ୍ୟକ୍ତିଙ୍କର ଏକାନ୍ତତା, ପରିବାର, ଘର ବା ଚିଠିପତ୍ର କ୍ଷେତ୍ରରେ ହସ୍ତକ୍ଷେପ କରାଯିବ ନାହିଁ କିମ୍ବା ତାଙ୍କର ସମ୍ମାନ ଏବଂ ସୁନାମକୁ ଆଘାତ କରାଯିବ ନାହିଁ। ଏତାଦୃଶ ହସ୍ତକ୍ଷେପ ଏବଂ ଆଘାତ ବିରୁଦ୍ଧରେ ଆଇନ୍‌ର ସୁରକ୍ଷା ପାଇବା ପାଇଁ ପ୍ରତି ବ୍ୟକ୍ତିଙ୍କର ଅଧିକାର ରହିଛି।

**ଧାରା ୧୩-** (୧) ପ୍ରତି ରାଷ୍ଟ୍ରର ପରିସୀମା ଭିତରେ ଚଳପ୍ରଚଳ ଏବଂ ବସବାସ କରିବାର ସ୍ୱାଧୀନତା ପ୍ରତି ବ୍ୟକ୍ତିଙ୍କର ରହିଛି।

(୨) ନିଜ ଦେଶ ସମେତ ଯେ କୌଣସି ଦେଶ ଛାଡି ଚାଲିଯିବା ପାଇଁ ତଥା ପୁଣି ନିଜ ଦେଶକୁ ଫେରି ଆସିବା ପାଇଁ ପ୍ରତି ବ୍ୟକ୍ତିଙ୍କର ଅଧିକାର ରହିଛି।

**ଧାରା ୧୪-** (୧) ନିର୍ଯ୍ୟାତନା କବଳରୁ ସୁରକ୍ଷା ପାଇବା ପାଇଁ ଅନ୍ୟଦେଶରେ ଶରଣସ୍ଥଳ ଖୋଜିବା ଏବଂ ପାଇବା ପାଇଁ ଅଧିକାର ପ୍ରତ୍ୟେକଙ୍କର ରହିଛି ।

(୨) କିନ୍ତୁ ସେପରି ସ୍ଥଳେ ଏହି ଅଧିକାରକୁ ପ୍ରୟୋଗ କରାଯିବାର ପ୍ରଶ୍ନ ଉଠିବ ନାହିଁ, ଯେଉଁସ୍ଥଳେ କୌଣସି ଅଣ-ରାଜନୈତିକ ଅପରାଧ କିମ୍ବା ମିଳିତ ଜାତିସଂଘର ଉଦ୍ଦେଶ୍ୟ ଏବଂ ନୀତିସମୂହର ପରିପନ୍ଥୀ ହେଉଥିବା କୌଣସି କାର୍ଯ୍ୟ ପାଇଁ ଯଥାର୍ଥରେ ଦଣ୍ଡବିଧାନ କରାଯାଇଥାଏ ।

**ଧାରା ୧୫-** (୧) କୌଣସି ନା କୌଣସି ଜାତୀୟତା ହାସଲ କରିବା ପାଇଁ ପ୍ରତି ବ୍ୟକ୍ତିଙ୍କର ଅଧିକାର ରହିଛି ।

(୨) କୌଣସି ବ୍ୟକ୍ତିଙ୍କୁ ମନମୁଖୀ ଭାବେ ତାଙ୍କ ଜାତୀୟତାରୁ ବଞ୍ଚିତ କରାଯାଇ ପାରିବନି କିମ୍ବା ସେ ଜାତୀୟତା ପରିବର୍ତ୍ତନ କରିବାକୁ ଚାହିଁଲେ ତାଙ୍କର ସେହି ଅଧିକାରକୁ ମନମୁଖୀ ଭାବେ ପ୍ରତ୍ୟାଖ୍ୟାନ କରାଯାଇ ପାରିବନି ।

**ଧାରା ୧୬-** (୧) ଜାତି, ଜାତୀୟତା କିମ୍ବା ଧର୍ମର ସୀମାବଦ୍ଧତା ନିର୍ବିଶେଷରେ ସମସ୍ତ ବୟୋପ୍ରାପ୍ତ ପୁରୁଷ ଏବଂ ମହିଳାଙ୍କର ବିବାହ କରିବା ଏବଂ ପରିବାର ଗଢିବାର ଅଧିକାର ରହିଛି । ବିବାହ, ବିବାହିତ ଜୀବନ ତଥା ବିବାହ-ବିଚ୍ଛେଦକୁ କେନ୍ଦ୍ର କରି ସେମାନେ ସମାନ ଅଧିକାର ପାଇବାକୁ ହକ୍‌ଦାର ।

(୨) କେବଳ ଆଗ୍ରହୀ ଦମ୍ପତିଙ୍କର ମୁକ୍ତ ଏବଂ ସଂପୂର୍ଣ୍ଣ ସମ୍ମତି କ୍ରମେ ବିବାହ ସମ୍ପାଦିତ ହୋଇପାରେ । ପରିବାର ହେଉଛି ସମାଜର ଏକ ସ୍ୱାଭାବିକ ଏବଂ ମୌଳିକ ଗୋଠ-ପ୍ରତୀମ ଅଙ୍ଗ ଏବଂ ଏହା ସମାଜ ତଥା ରାଷ୍ଟ୍ର ଠାରୁ ସୁରକ୍ଷା ପାଇବା ପାଇଁ ହକ୍‌ଦାର ।

**ଧାରା ୧୭-** (୧) ପ୍ରତି ବ୍ୟକ୍ତିଙ୍କର ନିଜେ ଏକାକୀ ତଥା ଅନ୍ୟମାନଙ୍କ ସହ ମିଶି ସମ୍ପତ୍ତି ଉପରେ ସ୍ୱତ୍ତ୍ୱ ହାସଲ କରିବାର ଅଧିକାର ରହିଛି ।

(୨) କୌଣସି ବ୍ୟକ୍ତିଙ୍କୁ ମନମୁଖୀ ଭାବେ ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯାଇ ପାରିବନି ।

**ଧାରା ୧୮-** ଚିନ୍ତା, ବିବେକ ଏବଂ ଧର୍ମର ସ୍ୱାଧୀନତା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି; ଏହି ଅଧିକାର ମଧ୍ୟରେ ନିଜର ଧର୍ମ କିମ୍ବା ବିଶ୍ୱାସକୁ ବଦଳାଇବାର ସ୍ୱାଧୀନତା ତଥା ନିଜର ଧର୍ମ ବା ବିଶ୍ୱାସକୁ ଏକାକୀ ବା ଅନ୍ୟମାନଙ୍କ ସହ ଯୌଥ ଭାବେ, ସର୍ବସାଧାରଣଙ୍କ ସମ୍ମୁଖରେ ବା ଏକାନ୍ତରେ ପ୍ରଚାର, ପାଳନ, ଉପାସନା ବା ଆଚାର କ୍ଷେତ୍ରରେ ପ୍ରକାଶ କରିବାର ସ୍ୱାଧୀନତା ଅନ୍ତର୍ଭୁକ୍ତ ।

**ଧାରା ୧୯-** ମତ ପୋଷଣ ଏବଂ ପ୍ରକାଶର ସ୍ୱାଧୀନତା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି; ଯେ କୌଣସି ପ୍ରକାର ହସ୍ତକ୍ଷେପରୁ ମୁକ୍ତ ରହି ମତ ପୋଷଣ କରିବା ତଥା ସୀମାସରହଦ୍ ନିର୍ବିଶେଷରେ ଯେ କୌଣସି ପ୍ରସାର

ମାଧ୍ୟମରୁ ସୂଚନା ଓ ମତାମତ ଜିଜ୍ଞାସା କରିବା ଏବଂ ସଂଗ୍ରହ କରିବା ତଥା ଏହିସବୁ ମାଧ୍ୟମ ଜରିଆରେ ସୂଚନା ଓ ମତାମତକୁ ପ୍ରସାର କରିବାର ସ୍ୱାଧୀନତା ଉକ୍ତ ଅଧିକାର ମଧ୍ୟରେ ଅନ୍ତର୍ଭୁକ୍ତ ରହିବ ।

**ଧାରା ୨୦-** (୧) ଶାନ୍ତିପୂର୍ଣ୍ଣ ଭାବେ ସଭା ଓ ସଂଗଠନ କରିବାର ସ୍ୱାଧୀନତା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

(୨) କୌଣସି ସଂଗଠନରେ ସାମିଲ୍ ହେବା ପାଇଁ କାହାକୁ ବାଧ୍ୟ କରାଯାଇ ପାରିବ ନାହିଁ ।

**ଧାରା ୨୧-** (୧) ସିଧାସଳଖ ଭାବେ ଅଥବା ମୁକ୍ତ ଢଙ୍ଗରେ ନିର୍ବାଚିତ ହୋଇଥିବା ପ୍ରତିନିଧିମାନଙ୍କ ଜରିଆରେ ନିଜ ଦେଶର ଶାସନ-ପ୍ରକ୍ରିୟାରେ ଅଂଶ ଗ୍ରହଣ ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

(୨) ନିଜ ଦେଶରେ ଥିବା ସର୍ବସାଧାରଣ ସେବା-ବ୍ୟବସ୍ଥା ସମସ୍ତଙ୍କ ନିକଟରେ ସମାନ ଭାବେ ସହଜ-ଲଭ୍ୟ ହେବା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

(୨) ଜନଗଣଙ୍କ ଇଚ୍ଛା ହିଁ ଶାସକୀୟ କର୍ତ୍ତୃତ୍ୱର ମୂଳଦୁଆ ହେବ; ଏହି ଇଚ୍ଛା ସମୟାନ୍ତରେ ଏବଂ ଯଥାର୍ଥ ଢଙ୍ଗରେ ଅନୁଷ୍ଠିତ ହେଉଥିବା ନିର୍ବାଚନଗୁଡ଼ିକ ମାଧ୍ୟମରେ ପରିପ୍ରକାଶ ହେବ ଏବଂ ଏହି ନିର୍ବାଚନଗୁଡ଼ିକ ସାର୍ବଜନୀନ ଏବଂ ସମାନ ଭୋଟ୍-ଅଧିକାର ଭିତ୍ତିରେ ପରିଚାଳିତ ହେବ ଏବଂ ଗୋପନୀୟ ମତଦାନ ଅଥବା ସମଧରଣର ଅବାଧ ମତଦାନ ପ୍ରକ୍ରିୟା ଦ୍ୱାରା ସମ୍ପାଦିତ ହେବ ।

**ଧାରା ୨୨-** ସମାଜର ଜଣେ ସଭ୍ୟ ରୂପେ ପ୍ରତ୍ୟେକଙ୍କର ସାମାଜିକ ନିରାପତ୍ତା ପାଇଁ ଅଧିକାର ରହିଛି ଏବଂ ରାଷ୍ଟ୍ରୀୟ ପ୍ରୟାସ ଏବଂ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ତଥା ପ୍ରତି ରାଷ୍ଟ୍ରର ସଂରଚନା ଏବଂ ସଂସାଧନ ଅନୁଯାୟୀ ପ୍ରତ୍ୟେକଙ୍କ ମର୍ଯ୍ୟାଦା ଏବଂ ବ୍ୟକ୍ତିତ୍ୱର ଅବାଧ ବିକାଶ ପାଇଁ ଅପରିହାର୍ଯ୍ୟ ହେଉଥିବା ଆର୍ଥିକ, ସାମାଜିକ, ଏବଂ ସାଂସ୍କୃତିକ ଅଧିକାରସମୂହକୁ ହାସଲ କରିବା ପାଇଁ ପ୍ରତ୍ୟେକ ହକ୍‌ଦାର ଅଟନ୍ତି ।

**ଧାରା ୨୩-** (୧) କର୍ମନିଯୁକ୍ତି ପାଇବା, ନିଜର ଅବାଧ ପସନ୍ଦ ଅନୁଯାୟୀ କର୍ମନିଯୁକ୍ତି ପାଇବା, ନ୍ୟାଯ୍ୟ ଏବଂ ସୁବିଧାଜନକ ଅବସ୍ଥା ଭିତରେ କର୍ମନିଯୁକ୍ତ ହେବା ତଥା ବେକାରୀରୁ ସୁରକ୍ଷିତ ରହିବା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

(୨) କୌଣସି ବାଛବିଚାର ବିନା ସମାନ କାର୍ଯ୍ୟ ପାଇଁ ସମାନ ମଜୁରୀ ପାଇବାର ଅଧିକାର ପ୍ରତ୍ୟେକଙ୍କର ରହିଛି ।

(୩) କାର୍ଯ୍ୟରତ ପ୍ରତ୍ୟେକ ମଣିଷଙ୍କର ଅଧିକାର ରହିଛି ନ୍ୟାଯ୍ୟ ଏବଂ ସୁବିଧାଜନକ ପାରିଶ୍ରମିକ ପାଇବା ପାଇଁ, ତଥା ଆବଶ୍ୟକ ମତେ ଏହା ସହିତ ଅନ୍ୟ ପନ୍ଥା ମାଧ୍ୟମରେ ସାମାଜିକ ସୁରକ୍ଷା

ହାସଲ କରିବା ପାଇଁ, ଯାହା ଫଳରେ ସେ ତଥା ତାଙ୍କ ପରିବାର ମାନବୀୟ ମର୍ଯ୍ୟାଦାର ପରାକାଷ୍ଠା ବହନ କରୁଥିବା ଏକ ଜୀବନ-ଶୈଳୀକୁ ସୁନିଶ୍ଚିତ ଭାବେ ହାସଲ କରିପାରିବେ ।

(୪) ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ଶ୍ରମିକ ସଂଗଠନ ଗଢ଼ିବା ଏବଂ ସେଥିରେ ଯୋଗ ଦେବା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

**ଧାରା ୨୪-** କାର୍ଯ୍ୟନିର୍ଘଣ୍ଟର ଯଥୋଚିତ ସୀମା-ନିର୍ଦ୍ଧାରଣ ଏବଂ ବେତନ ସହ ସମୟାନ୍ତର ଛୁଟି ସମେତ କାର୍ଯ୍ୟରୁ ବିରତି ଏବଂ ବିଶ୍ରାମ ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

**ଧାରା ୨୫-** (୧) ଖାଦ୍ୟ, ପୋଷାକ, ବାସସ୍ଥଳ ଏବଂ ସ୍ୱାସ୍ଥ୍ୟସେବା ତଥା ଆବଶ୍ୟକୀୟ ଗୋଷ୍ଠୀ ସେବାସମୂହ ସମେତ ନିଜର ତଥା ପରିବାରର ସ୍ୱାସ୍ଥ୍ୟ ଏବଂ ମଙ୍ଗଳ ପାଇଁ ପର୍ଯ୍ୟାପ୍ତ ହେଉଥିବା ଏକ ଜୀବନର ମାନଦଣ୍ଡ ହାସଲ କରିବା ସକାଶେ ପ୍ରତ୍ୟେକଙ୍କର ଅଧିକାର ରହିଛି, ଏବଂ ବେକାରୀ, ବେମାରି, ପଙ୍ଗୁତା, ବୈଧବ୍ୟ, ବାର୍ଦ୍ଧକ୍ୟ ବା ନିଜ ନିୟନ୍ତ୍ରଣ ବାହାରେ ଘଟୁଥିବା ଯେଉଁସବୁ ପରିସ୍ଥିତିରେ ଜଣେ ଜୀବିକାଶୂନ୍ୟ ହୋଇପଡ଼େ, ସେଭଳି କ୍ଷେତ୍ରରେ ସେ ସୁରକ୍ଷା ପାଇବା ପାଇଁ ହକ୍‌ଦାର ଅଟନ୍ତି ।

(୨) ମାତୃତ୍ୱ ଏବଂ ଶୈଶବ ପାଇଁ ସ୍ୱତନ୍ତ୍ର ଯତ୍ନ ଏବଂ ସହାୟତା ଜରୁରୀ । ଗୋଟିଏ ଶିଶୁ ବୈବହିକ ସଂପର୍କ ଭିତରୁ ଜନ୍ମ ନେଇଥାଉ ବା ଏହାର ପରିସର ବାହାରେ ଜନ୍ମ ନେଉଥାଉ, ତାକୁ ସମାନ ଧରଣର ସାମାଜିକ ସୁରକ୍ଷା ମିଳିବ ।

**ଧାରା ୨୬-** (୧) ପ୍ରତ୍ୟେକଙ୍କର ଶିକ୍ଷା ପାଇବାର ଅଧିକାର ରହିଛି । ଶିକ୍ଷା ଅବାଧରେ ମିଳିବ, ଅନ୍ତତଃ ପ୍ରାଥମିକ ଏବଂ ମୌଳିକ ସ୍ତରରେ । ପ୍ରାଥମିକ ଶିକ୍ଷାକୁ ବାଧ୍ୟତାମୂଳକ କରାଯିବ । ପ୍ରଯୁକ୍ତି-ବିଜ୍ଞାନ ଏବଂ ବୈଷୟିକ ଶିକ୍ଷା ସାଧାରଣ ଭାବେ ଉପଲବ୍‌ଧ ହେବ ଏବଂ ଉଚ୍ଚ ଶିକ୍ଷାରେ ପ୍ରବେଶ ସମସ୍ତଙ୍କ ପାଇଁ ଗୁଣ ଭିତ୍ତିରେ ସୁଗମ କରାଯିବ ।

(୨) ମାନବୀୟ ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ବିକାଶ ତଥା ମାନବାଧିକାର ଏବଂ ମୌଳିକ ସ୍ୱାଧୀନତାସମୂହ ପ୍ରତି ସମ୍ମାନର ଅଭିବୃଦ୍ଧି ଦିଗରେ ଶିକ୍ଷା ଅଭିପ୍ରେତ ହେବ । ଏହା ସମସ୍ତ ରାଷ୍ଟ୍ର, ବର୍ଣ୍ଣ ଏବଂ ଧାର୍ମିକ ଜନଗୋଷ୍ଠୀଙ୍କ ମଧ୍ୟରେ ବୁଝାମଣା, ସହନଶୀଳତା ଏବଂ ବନ୍ଧୁତାର ବିକାଶ ଘଟାଇବ ଏବଂ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘର କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇନେବ ।

(୩) ଶିଶୁମାନେ କି ପ୍ରକାର ଶିକ୍ଷା ପାଇବେ, ତାକୁ ନିର୍ଣ୍ଣୟ କରିବା କ୍ଷେତ୍ରରେ ଶିଶୁର ପିତାମାତାଙ୍କର ଅଗ୍ରଗଣ୍ୟ ଅଧିକାର ରହିବ ।

**ଧାରା ୨୭-** (୧) ଅବାଧ ଢଙ୍ଗରେ ଜନସମୁଦାୟଙ୍କ ସାଂସ୍କୃତିକ ଜୀବନରେ ଅଂଶଗ୍ରହଣ କରିବା, କଳାକୃତିସମୂହକୁ ଉପଭୋଗ କରିବା ତଥା ବୈଜ୍ଞାନିକ ଅଗ୍ରଗତି ଏବଂ ଏହାର ସୁଫଳରେ ଭାଗୀଦାର ହେବା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

(୨) ଜଣେ ରଚୟିତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା କୌଣସି ବୈଜ୍ଞାନିକ, ସାହିତ୍ୟିକ ବା କଳାତ୍ମକ କୃତିର ଫଳ ସ୍ୱରୂପ ଯେଉଁ ନୈତିକ ଏବଂ ବୈଷୟିକ ସ୍ୱତ୍ୱ ଉତ୍ପନ୍ନ ହୋଇଥାଏ, ତହିଁର ସୁରକ୍ଷା ହାସଲ ପାଇଁ ପ୍ରତ୍ୟେକ ରଚୟିତାଙ୍କର ଅଧିକାର ରହିଛି ।

**ଧାରା ୨୮-** ଏହି ଘୋଷଣାନାମରେ ସ୍ଥାନିତ ହୋଇଥିବା ଅଧିକାରସମୂହ ଏବଂ ସ୍ୱାଧୀନତାସମୂହ ଯେଉଁ ଧରଣର ସାମାଜିକ ଏବଂ ଆନ୍ତର୍ଜାତିକ ବ୍ୟବସ୍ଥାରେ ସଂପୂର୍ଣ୍ଣ ରୂପେ ଉପଲବ୍ଧ ହୋଇପାରିବ, ତାକୁ ହାସଲ କରିବା ପାଇଁ ପ୍ରତ୍ୟେକଙ୍କର ଅଧିକାର ରହିଛି ।

**ଧାରା ୨୯-** (୧) ଜନସମୁଦାୟ ଭିତରେ ହିଁ ଜଣଙ୍କର ବ୍ୟକ୍ତିତ୍ୱର ଅବାଧ ଏବଂ ସଂପୂର୍ଣ୍ଣ ବିକାଶ ସମ୍ଭବ ହୋଇଥାଏ, ଯେଉଁଥି ପାଇଁ ଜନସମୁଦାୟ ପ୍ରତି ପ୍ରତ୍ୟେକଙ୍କର କର୍ତ୍ତବ୍ୟମାନ ରହିଛି ।

(୨) ଜଣେ ନିଜର ଅଧିକାର ଏବଂ ସ୍ୱାଧୀନତାସମୂହକୁ ପ୍ରୟୋଗ କଲାବେଳେ କେବଳ ସେତିକି ସୀମାରେଖା ଭିତରେ ତାଙ୍କୁ ଆଚରଣ କରିବାକୁ ପଡିବ, ଯାହାକି ଏକ ଗଣତାନ୍ତ୍ରିକ ସମାଜରେ ଅନ୍ୟମାନଙ୍କର ଅଧିକାର ଓ ସ୍ୱାଧୀନତାସମୂହ ପ୍ରତି ଯଥାର୍ଥ ସ୍ୱୀକୃତି ଓ ସମ୍ମାନ ପ୍ରଦାନକୁ ସୁନିଶ୍ଚିତ କରିବା ତଥା ନୈତିକତା, ସର୍ବସାଧାରଣ ଶୃଙ୍ଖଳା ଏବଂ ସମୂହ କଲ୍ୟାଣର ନ୍ୟାଯ୍ୟ ପ୍ରୟୋଜନଗୁଡିକୁ ମେଣ୍ଟାଇବାର ଏକାମାତ୍ର ଉଦ୍ଦେଶ୍ୟରୁ ଆଇନ୍ ଦ୍ୱାରା ନିରୂପିତ ହୋଇଥାଏ ।

(୩) ମିଳିତ ଜାତିସଂଘର ଉଦ୍ଦେଶ୍ୟସମୂହ ଏବଂ ନୀତିସମୂହର ପରିପନ୍ଥୀ ହେଉଥିବା କୌଣସି ପ୍ରକାରେ ଏହି ଅଧିକାରସମୂହ ଓ ସ୍ୱାଧୀନତାସମୂହକୁ ପ୍ରୟୋଗ କରାଯାଇ ନପାରେ ।

**ଧାରା ୩୦-** ଏହି ଘୋଷଣାନାମାରେ ସ୍ଥାନିତ ହୋଇଥିବା କୌଣସି ବିଷୟକୁ ଏପରି ବ୍ୟାଖ୍ୟା କରାଯାଇ ନପାରେ, ଯଦ୍ୱାରା ଏଥିରେ ବର୍ଣ୍ଣିତ ହୋଇଥିବା ଅଧିକାର ବା ସ୍ୱାଧୀନତାକୁ କ୍ଷୁର୍ଣ୍ଣ କଲାଭଳି ଗୋଟିଏ ରାଷ୍ଟ୍ର, ଜନଗୋଷ୍ଠୀ ବା ବ୍ୟକ୍ତି କୌଣସି କାର୍ଯ୍ୟରେ ଲିପ୍ତ ହୋଇପଡିବା ବା କୌଣସି ପଦକ୍ଷେପ ନିଜେ ଗ୍ରହଣ କରିବା ପାଇଁ ତାଙ୍କର ଅଧିକାର ରହିଛି ବୋଲି ମନେ ହୋଇପାରେ ।

**(Translated from English by Chitta Behera, 4A Jubilee Tower, Choudhury Bazar, Cuttack-753009, Mobile:9437577546, Email: chittabehera1@yahoo.co.in , dt 4th Nov. 2007 )**